# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**15 June - 2024**

**News Editor : *Tapan Kumar Maharana***

*********************************

## ମୁଖ୍ୟ ସମ୍ବାଦ

- ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

– ଲୋକମାନଙ୍କୁ ଗୁଣାତ୍ମକ ସେବା ପ୍ରଦାନ ଉପରେ ଦେଲେ ଗୁରୁତ୍ୱ

- ଆସନ୍ତା ମାସ ପହିଲାରୁ କାର୍ଯ୍ୟକାରୀ ହେବ ନୂଆ ଫୌଜଦାରୀ ଆଇନ
- କାଶୀପୁର ଅଜଣା ରୋଗ ମୃତ୍ୟୁ ଘଟଣାର ତଦନ୍ତ ଓ ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ମୁଖ୍ୟମନ୍ତ୍ରୀ’ ସ୍ୱାସ୍ଥ୍ୟ ବିଭାଗକୁ ଦେଲେ ନିର୍ଦ୍ଦେଶ

ଏବଂ

- କୃଷିଭିତ୍ତିକ ଗଣପର୍ବ ରଜର ଦ୍ୱିତୀୟ ଦିନରେ ଆଜି ପାଳିତ ହେଉଛି ରଜ ସଂକ୍ରାନ୍ତି

## ମୁଖ୍ୟମନ୍ତ୍ରୀ-ଆଇନଶୃଙ୍ଖଳା ସମୀକ୍ଷା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ନେଇ ସମୀକ୍ଷା କରିଛନ୍ତି । ରାଜ୍ୟର ଲୋକମାନଙ୍କୁ ଗୁଣାତ୍ମକ ସେବା ପ୍ରଦାନ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଜନସାଧାରଣ ଯେପରି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ସେଥିପ୍ରତି ସତର୍କ ରହିବାକୁ ସେ ପୁଲିସ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ପୁଲିସ ଲୋକଙ୍କୁ ଭଲ ବ୍ୟବହାର ଦେଖାଇଲେ, ପୁଲିସର ବିଶ୍ୱସନୀୟତା ବଢ଼ିବ। ଥାନାକୁ ଅଭିଯୋଗ କରିବାକୁ ଆସୁଥିବା ଲୋକଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବାକୁ ପୁଲିସ କର୍ମଚାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ବୈଠକ ପରେ ପୁଲିସ ମହାନିର୍ଦ୍ଦେଶକ ଅରୁଣ କୁମାର ଷଡ଼ଙ୍ଗୀ କହିଛନ୍ତି, ରାଜ୍ୟରେ ପୁଲିସର ସ୍ଥିତି ଓ ଆଇନଶୃଙ୍ଖଳା ବାବଦରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଛି । ଏହାସହ ଆସନ୍ତା ଜୁଲାଇରୁ କାର୍ଯ୍ୟକାରୀ ହେବାକୁ ଥିବା ତିନୋଟି ଗୁରୁତ୍ୱପୂର୍ଣ୍ଣ ଆଇନ ବାବଦରେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଥିବା ପୁଲିସ ମହାନିର୍ଦ୍ଦେଶକ କହିଛନ୍ତି।

***Nabarangpur/Desk***

# ନାଗରିକ ସୁରକ୍ଷା ସଂହିତା

ଦେଶରେ ଆସନ୍ତାମାସ ପହିଲାରୁ ଭାରତୀୟ ନ୍ୟାୟ ସଂହିତା, ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଆଇନ କାର୍ଯ୍ୟକାରୀ ହେବ । ବ୍ରିଟିଶ ଶାସନ ସମୟରୁ ଦେଶରେ ଚାଲିଆସୁଥିବା ତିନୋଟି

ପୁରୁଣା ଆଇନକୁ ପରିବର୍ତ୍ତନ କରାଯାଇଛି । ଗତବର୍ଷ ଡିସେମ୍ବରରେ ସଂଶୋଧିତ ନୂଆ ଆଇନ ଲାଗୁ କରିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା ।  ଆସନ୍ତା ଜୁଲାଇ ପହିଲାରୁ ପୁରୁଣା ଆଇ.ପି.ସି. ଏବଂ ସି.ଆର୍.ପି.ସି. ଧାରା ଉଚ୍ଛେଦ ହେବ।  ପୁରୁଣା ନିୟମରେ ଅପରାଧକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ନୂଆ ଆଇନରେ ଅପରାଧ ସହ ନ୍ୟାୟ ବ୍ୟବସ୍ଥାକୁ ଅଧିକ ପ୍ରାଧାନ୍ୟ ଦିଆଯିବ । ଏହା ଛଡ଼ା ମାନବ ଅଧିକାର ତଦନ୍ତରେ ବୈଷୟିକ ଜ୍ଞାନକୌଶଳର ବ୍ୟାପକ ବ୍ୟବହାର ଉପରେ ଗୁରୁତ୍ୱ ପ୍ରଦାନ କରିବା ପାଇଁ ଆଇନରେ ପ୍ରାବଧାନ ଅଛି ।

ଲୋକମାନଙ୍କୁ ନୂଆ ଆଇନ ବାବଦରେ ସଚେତନ କରାଇବା ଲାଗି ସରକାରୀ ସ୍ତରରେ  ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି । ଓଡ଼ିଶାରେ ଜୁଲାଇ ପହିଲାରୁ ନୂଆ ପୋଲିସ୍ ଆଇନ ଲାଗୁ ହେବା ନେଇ ବିଭିନ୍ନ ପର୍ଯ୍ୟାୟରେ ଅଧିକାରୀ ଓ କର୍ମଚାରୀମାନଙ୍କୁ ତାଲିମ ଦିଆଯାଉଛି ।

ନୂଆ ଆଇନରେ କେତେକ ଅପରାଧ କ୍ଷେତ୍ରରେ ଦଣ୍ଡାଦେଶକୁ ପୂର୍ବ ଅପେକ୍ଷା ଅଧିକ କଠୋର କରାଯାଇଛି।  ନୂଆ ଆଇନ ଦ୍ୱାରା ଭାରତୀୟ ନ୍ୟାୟ ବ୍ୟବସ୍ଥାରେ ପରିବର୍ତ୍ତନ ଆସିବ ବୋଲି ସରକାର ଆଶା ରଖିଛନ୍ତି। ଏ ସମ୍ପର୍କରେ ଅବସରପ୍ରାପ୍ତ ବିଚାରପତି ଲକ୍ଷ୍ମୀକାନ୍ତ ମିଶ୍ର କହିଛନ୍ତି,

**- V/O –**

# କୁଏତ ଅଗ୍ନିକାଣ୍ଡ– ଓଡ଼ିଆ ମୃତଦେହ

କୁଏତ୍ ଅଗ୍ନିକାଣ୍ଡରେ ପ୍ରାଣ ହରାଇଥିବା ଦୁଇ ଜଣ ଓଡ଼ିଆଙ୍କ ମରଶରୀର ଆଜି ଓଡ଼ିଶାରେ ପହଞ୍ଚିଛି । ସ୍ୱତନ୍ତ୍ର ବିମାନ ଯୋଗେ ମହମ୍ମଦ ଜହୁର ଓ ସନ୍ତୋଷ ଗୌଡ଼ଙ୍କର ମରଶରୀର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପହଁଞ୍ଚିବା ପରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡ଼ା ଏବଂ କ୍ୟାବିନେଟ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସେମାନଙ୍କ ଶେଷଦର୍ଶନ କରିଥିଲେ। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।  ମୃତକଙ୍କ ଆତ୍ମୀୟଙ୍କ ପାଇଁ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଦିଆଯିବା ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ଆସିକା ସାଂସଦ ଅନୀତା ଶୁଭଦର୍ଶିନୀ ଓ କାମଚଲା ବାଚସ୍ପତି ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମଧ୍ୟ ମୃତକଙ୍କୁ ଶେଷ ଦର୍ଶନ କରିଥିଲେ। ଦୁଇ ମୃତକଙ୍କ ମରଶରୀର ସେମାନଙ୍କ ପୈତୃକ ଗ୍ରାମକୁ ପଠାଯିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି।

*Desk*

## ପଦ୍ମ ପୁରସ୍କାର ଆବେଦନ

୨୦୨୫ ମସିହା ନିମନ୍ତେ ପଦ୍ମ ପୁରସ୍କାର ଲାଗି ମନୋନୟନପତ୍ର ଆହ୍ୱାନ କରାଯାଉଛି । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦ୍ୱାରା ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଥିବା ୱେବସାଇଟ୍ ମାଧ୍ୟମରେ ଆଗ୍ରହୀ ପ୍ରାର୍ଥୀମାନେ ଆବେଦନ କରିପାରିବେ । padmaawards.gov.in ୱେବସାଇଟ୍‌ରେ ଅନ୍‌ଲାଇନ୍ ମାଧ୍ୟମରେ ସେପ୍ଟେମ୍ବର ୧୫ ତାରିଖ ସୁଦ୍ଧା ଆବେଦନ କରାଯାଇପାରିବ । ଅନ୍ୟପକ୍ଷରେ ଅଫ୍‌ଲାଇନ୍ ଆବେଦନ କରିବା ପାଇଁ ୱେବସାଇଟ୍‌ରେ ଉପଲବ୍ଧ ନିର୍ଦ୍ଦିଷ୍ଟ ଫର୍ମାଟ୍‌ରେ ମନୋନୟନପତ୍ର ଇ-ମେଲ୍ ମାଧ୍ୟମରେ ପଠାଯାଇପାରିବ । ଅଫ୍‌ଲାଇନ୍ ଜରିଆରେ ଆସନ୍ତା ମାସ ୧୫ ତାରିଖ ସୁଦ୍ଧା ଆବେଦନ କରାଯାଇପାରିବ ।

*CMO*

## ଅଜଣା ରୋଗ- ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ରାୟଗଡ଼ା ଜିଲ୍ଲା କାଶୀପୁରର ମନୁସ୍‌ପଦର ଗ୍ରାମରେ ଅଜଣା ରୋଗରେ ଲୋକଙ୍କ ମୃତ୍ୟୁ ଘଟିବା ଘଟଣାର କାରଣ ଖୋଜିବା ସହ ସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱାସ୍ଥ୍ୟ ବିଭାଗ ଓ ଆଞ୍ଚଳିକ ଡାକ୍ତରୀ ଗବେଷଣା କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହିତ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ଓ ସମ୍ପୃକ୍ତ ଅଞ୍ଚଳକୁ ଅତିଶୀଘ୍ର ଏକ ମୋଟର ଚଳାଚଳ ରାସ୍ତା ନିର୍ମାଣ କରିବାକୁ ପଞ୍ଚାୟତିରାଜ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ।

ସୂଚନାଯୋଗ୍ୟ, ଗତ ଏକ ମାସ ମଧ୍ୟରେ ମନୁସ୍‌ପଦର ଗ୍ରାମରେ ୫ ଜଣଙ୍କର ମୃତ୍ୟୁ ଘଟିଛି । ସ୍ୱାସ୍ଥ୍ୟ ବିଭାଗର ଡାକ୍ତରୀ ଦଳ ସମ୍ପୃକ୍ତ ଅଞ୍ଚଳ ଗସ୍ତ କରି ଘରକୁ ଘର ବୁଲି ଚିକିତ୍ସା ସେବା ଯୋଗାଇ ଦେଇଛନ୍ତି ବର୍ତ୍ତମାନ ସ୍ଥିତି ନିୟନ୍ତ୍ରଣାଧୀନ ଥିବା ସରକାରୀ ଭାବେ କୁହାଯାଇଛି ।

*HS*

# ବସ୍ ଚଳାଚଳ ସ୍ୱାଭାବିକ

କୋରାପୁଟ ଜିଲ୍ଲାରେ ବସ୍ ଚଳାଚାଳ ସ୍ୱାଭାବିକ ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ କୋରାପୁଟ ଜିଲ୍ଲା ପ୍ରଶାସନ’ ଜିଲ୍ଲା ବସ୍ ମାଲିକ ସଂଘ ଓ କର୍ମଚାରୀ ସଂଘ ସହ ଆଲୋଚନା କରିବା ପରେ ସ୍ଥିତି ସୁଧୁରିଛି । ଉଭୟ ସଂଘ ମଧ୍ୟରେ ଉପୁଜିଥିବା ବିବାଦ ଯୋଗୁଁ ଜିଲ୍ଲାରେ ବସ୍ ଚଳାଚଳରେ ବ୍ୟାହତ ଘଟିଥିଲା ଓ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ସାଧାରଣ ଯାତ୍ରୀଙ୍କ ସ୍ୱାର୍ଥକୁ ସର୍ବଦା ପ୍ରାଧାନ୍ୟ ଦେବାକୁ ମୁଖ୍ୟମନ୍ତ୍ରୀ ପରିବହନ ବିଭାଗ’ ଉଭୟ ସଂଘ ଓ ଜିଲ୍ଲା ପ୍ରଶାସନକୁ ପରାମର୍ଶ ଦେଇଛନ୍ତି ।

*Koraput*

# ମାଟି ଅତଡ଼ା ଖସି ୩ ମୃତ୍ୟୁ

କୋରାପୁଟ ବ୍ଲକ୍ ଅନ୍ତର୍ଗତ କୋଲାବ ଜଳଭଣ୍ଡାର ନିକଟରେ ଥିବା ଏକ ପାହାଡ଼ରେ ମାଟି ଖୋଳୁଥିବା ବେଳେ ତାହା ଧସି ପଡ଼ିବାରୁ ୩ ଜଣ ମହିଳାଙ୍କ ମୃତ୍ୟୁ ଘଟିଛି । ସ୍ଥାନୀୟ ଲୋକ ଓ ପୋଲିସ ସହାୟତାରେ ସେମାନଙ୍କୁ ଉଦ୍ଧାର କରାଯାଉଥିଲା ବେଳେ ୩ ଜଣଙ୍କର ମୃତଦେହ ଉଦ୍ଧାର

କରାଯାଇଥିଲା। ସେମାନେ ବଡ଼ କେରେଙ୍ଗା ପଞ୍ଚାୟତର ସନୁମଲଗୁଡ଼ା ଗ୍ରାମର ବୋଲି ଜଣାପଡିଛି। କୋରାପୁଟ ପୋଲିସ ଏହି ଘଟଣାର ତଦନ୍ତ କରୁଛି।  ପ୍ରାୟ ୧୦ ଜଣ ମହିଳା ପାହାଡ଼ରୁ ମାଟି ଖୋଳୁଥିବା ବେଳେ ତାହା ଧାସି ଯାଇଥିଲା।

ଅନ୍ୟପକ୍ଷରେ ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ ମାଡକାପଦର ପଂଚାୟତର ଗୁମ୍ମାଝରଣ ଜଳପ୍ରପାତକୁ ଗାଧୋଇବାକୁ ଯାଇଥିବା ଦୁଇ ଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ସେମାନେ ପାଣିରେ ବୁଡି ଯାଉଥିବା ଦେଖି ସେଠାକୁ ଭୋଜି କରିବାକୁ ଯାଇଥିବା ଅନ୍ୟ କିଛି ଲୋକ ଦୁହିଁଙ୍କ ମୃତଦେହ ପାଣିରୁ ଉଦ୍ଧାର କରିଥିଲେ । ମୃତକ ଦୁଇ ଯୁବକ କୋରାପୁଟ ଜିଲ୍ଲା ବୋରିଗୁମ୍ମା ଅଂଚଳର ବୋଲି ଜଣାପଡ଼ିଛି।

***Desk***

## ବାଲ୍‌ସାହିତ୍ୟ ପୁରସ୍କାର

କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଚଳିତ ବର୍ଷ ପାଇଁ ବାଲ୍‌ସାହିତ୍ୟ ପୁରସ୍କାର ଓ ଯୁବ ପୁରସ୍କାର ଘୋଷଣା କରାଯାଇଛି। ବରିଷ୍ଠ ଶିଶୁ ସାହିତ୍ୟିକ ମାନସ ରଞ୍ଜନ ସାମଲଙ୍କୁ ବାଲ୍‌ସାହିତ୍ୟ ପୁରସ୍କାର ପ୍ରଦାନ କରାଯିବ। ତାଙ୍କ ରଚିତ ପୁସ୍ତକ ‘ଗପକଳିକା’ ପାଇଁ ସେ ଏହି ପୁରସ୍କାର ପାଇବେ। ସେହିପରି କଥାକାର ସଞ୍ଜୟ ପଣ୍ଡାଙ୍କୁ ‘ହୁ ବାଇୟା’ ପୁସ୍ତକ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ଦିଆଯିବ।

**Desk**

## ଇପିଏଫ୍‌ଓ ଅର୍ଥରାଶି

କର୍ମଚାରୀ ଭବିଷ୍ୟନିଧି ପାଣ୍ଠିରୁ ଜମାକାରୀମାନଙ୍କୁ ଆଉ କୋଭିଡ୍ ଅଗ୍ରୀମ ଅର୍ଥରାଶି ମିଳିବ ନାହିଁ ବୋଲି ଇପିଏଫ୍‌ଓ ପକ୍ଷରୁ କୁହାଯାଇଛି। ୨୦୨୦ ମସିହାରେ କୋଭିଡ୍ ମହାମାରୀକୁ ଦୃଷ୍ଟିରେ ରଖି କର୍ମଚାରୀ ଭବିଷ୍ୟନିଧି ଖାତାରୁ ମୂଳଜମାର ୭୫ ପ୍ରତିଶତ ପର୍ଯ୍ୟନ୍ତ ଅର୍ଥ ଉଠାଣ ଲାଗି ସରକାର ଅନୁମତି ଦେଇଥିଲେ। କୋଭିଡ୍ ମହାମାରୀ ଅପସରି ଯାଇଥିବାରୁ ଏହି ସୁବିଧାକୁ ବନ୍ଦ କରିଦିଆଯାଇଛି।

**Desk**

## ରଜ

କୃଷିଭିତ୍ତିକ ଗଣପର୍ବ ରଜ ଉତ୍ସବର ଆଜି ଦ୍ୱିତୀୟ ଦିନରେ ରଜ ସଂକ୍ରାନ୍ତିରେ ଗାଁରୁ ସହର ଉତ୍ସବମୁଖର ହୋଇଉଠିଛି । ରାଜ୍ୟର ବିଭିନ୍ନ ଅଞ୍ଚଳରେ ଏଥିପାଇଁ ବିଭିନ୍ନ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେଉଛି । ଏହି ପର୍ବ ମୁଖ୍ୟତଃ ତିନିଦିନ ଧରି ପାଳନ ହୋଇଥାଏ । ଗତକାଲି ପହିଲି ରଜ ପାଳନ କରାଯାଇଥିବା ବେଳେ ଆଜି ରଜ ସଂକ୍ରାନ୍ତି ଏବଂ ଆସନ୍ତାକାଲି ଭୂମି ଦହନ କରାଯିବ। ଚତୁର୍ଥ ଦିନ ବସୁମତି ସ୍ନାନ ଉତ୍ସବ କରାଯାଇ ରଜ ପର୍ବ ସମାପନ ହେବ। ରଜ ସଂକ୍ରାନ୍ତି ଉପଲକ୍ଷେ ପୁରୀ ଜିଲ୍ଲା ବ୍ରହ୍ମଗିରିର ମା’ ବାଲି ହରଚଣ୍ଡୀଙ୍କ ମହାଲକ୍ଷ୍ମୀ ବେଶ ଅନୁଷ୍ଠିତ ହୋଇଛି। ଆସନ୍ତାକାଲି ମା’ଙ୍କର ସରସ୍ୱତୀ ବେଶ ହେବ ବୋଲି ଜଣାପଡ଼ିଛି।